ସକାଳ THE SAKALA



# ଭୋଲାନାଥ ବିଦ୍ୟାପୀଠ
# ଖେଳ ପଡ଼ିଆରେ ପ୍ରଶାସନ ହସ୍ତକ୍ଷେପ ନ କରୁ

ପୁରୀ,୨୨।୪(ସମିସ)



ବେଶ୍ କିଛିଦିନ ହେବ ଚର୍ଚ୍ଚାରେ ପୁରୀ ସହରର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଲାନାଥ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ। ନିକଟରେ ବିଦ୍ୟାଳୟ ପରିସରରେ ନିର୍ବନ୍ଧ ହେଉଥିବା ନେଇ ଖବର ଶୁଣିବାକୁ ମିଳିଥିଲା। ସେହିପରି ଅଟୋ-ଟୋଟୋ ସଂଘର ବାର୍ଷିକ ଉତ୍ସବ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ଭୋଜିଭାତର ଆସର ଜମିଥିବାବେଳେ ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ସମସ୍ତେ ନାପସନ୍ଦ କରିଥିଲେ। ଏପରିକି, ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା। ବିଦ୍ୟାଳୟକୁ ନେଇ ଏଭଳି ଚର୍ଚ୍ଚା, ଆଲୋଚନା ଚାଲିଥିବାବେଳେ ଉଦ୍‌ବେଗ ପ୍ରକାଶ କରିଥିଲା ପୁରାତନ ଛାତ୍ର ସଂସଦ। ଏ ନେଇ ବୁଧବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ହାଇସ୍କୁଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦର ସଭାପତି ଡ. ତ୍ରିଲୋଚନ ବରାଳ, ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ନାଥ ଦାଶ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଦାଶ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ହରିହର ପାଢ଼ୀ, ଦିଲ୍ଲୀପ କୁମାର ବଳ, ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, କିଛିଦିନ ପୂର୍ବରୁ ଭୋଲାନାଥ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ଜଣେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଯିଏ କୌଣସି ଲିଖିତ ଅନୁମତି ନ ନେଇ ବିଦ୍ୟାଳୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ଏହାକୁ ଉପସ୍ଥିତ କର୍ମକର୍ତ୍ତା ନାପସନ୍ଦ କରିଛନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ଜଣକ ଏହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ସେ କୌଣସି ଅଧିକୃତ ବ୍ୟକ୍ତି ନୁହନ୍ତି ବା ପୁରାତନ ଛାତ୍ର ସଂସଦ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା। ସେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦେବା ପାଇଁ ସେ ଅଧିକୃତ ବ୍ୟକ୍ତି ନୁହନ୍ତି। ସମ୍ପୃକ୍ତ ବ୍ୟକ୍ତି ମଧ୍ୟ କାହାର ଅନୁମତି ନ ନେଇ ବିଦ୍ୟାଳୟ ପରିସରରେ ଅଟୋ-ଟୋଟୋ ସଂଘର ବାର୍ଷିକ ଉତ୍ସବ କରିଥିଲେ। ଡାକବାଜି ଯନ୍ତ୍ର ବ୍ୟବହାର ନେଇ କେଉଁ ସରକାରୀ ଅଧିକାରୀ ଅନୁମତି ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ ସଂସଦର ଉକ୍ତ କର୍ମକର୍ତ୍ତା।

**ବିଦ୍ୟାଳୟର ଗରିମା ବଜାୟ ରହୁ; ଶୈକ୍ଷିକ ବାତାବରଣର ବିକାଶ କରାଯାଉ**

ଏତଦ୍‌ବ୍ୟତୀତ ବିଭିନ୍ନ ସମୟରେ ପ୍ରଶାସନ ଭୋଲାନାଥ ବିଦ୍ୟାପୀଠ ଖେଳ ପଡ଼ିଆକୁ ବିଭିନ୍ନ ମେଳା ମହୋତ୍ସବ ପାଇଁ ବ୍ୟବହାର କରିଆସୁଛି। ଏହାକୁ ପୁରାତନ ଛାତ୍ର ସଂସଦ ବିରୋଧ କରୁଛନ୍ତି। ଖେଳ ପଡ଼ିଆ ଉପରେ ପ୍ରଶାସନ ହସ୍ତକ୍ଷେପ ନ କରୁ। ଯଦି କୌଣସି ଶିକ୍ଷା ସଂଲଗ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ତେବେ ଏ ନେଇ ପୁରାତନ ଛାତ୍ର ସଂସଦକୁ ଅବଗତ କରାନ୍ତୁ ବୋଲି ମତ ରଖିଥିଲେ। ଅନ୍ୟପକ୍ଷରେ ବିଦ୍ୟାପୀଠ ପରିସରରେ ପରିତ୍ୟକ୍ତ କୋଠା କେବେ ଭଙ୍ଗାଯିବ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏବେ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି ଯାହା ଅତ୍ୟନ୍ତ ଉଦ୍‌ବେଗଜନକ। ସେହିପରି ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସମାପ୍ତ ହୋଇଥିଲେ ମଧ୍ୟ ବିଦ୍ୟାଳୟ ପରିସରରେ ଆବର୍ଜନା ସଫା ହୋଇ ନ ଥିବାକୁ ନେଇ ଛାତ୍ର ସଂସଦ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଗରିମା ବଜାୟ ରହୁ ଓ ଶୈକ୍ଷିକ ବାତାବରଣ ଏବଂ ଖେଳ ପଡ଼ିଆ ଆଦିର ବିକାଶ ହେଉ ବୋଲି ସେମାନେ ମତ ରଖିଥିଲେ।



ଚାରିଛକରେ କବି ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂକୀର୍ତ୍ତନ ପଦଯାତ୍ରା

## ଶିଶୁଙ୍କୁ ଉତ୍ତମ ଶିକ୍ଷା ପାଇଁ କ୍ୟାରିୟର ପରାମର୍ଶ ପ୍ରଶିକ୍ଷଣ




ପୁରୀ,୨୨।୪(ସମିସ): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶିଶୁଙ୍କୁ ଉତ୍ତମ ଶିକ୍ଷା ଓ ଆତ୍ମନିର୍ଭରଶୀଳ ପାଇଁ କ୍ୟାରିୟର ପରାମର୍ଶ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ସଦସ୍ୟା ଦିପ୍ତୀ ଦାସ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଯୋଗର ମଣ୍ଡଳ ସଂଯୋଜିକା ରୂପାଲୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁଙ୍କ ପାଇଁ କ୍ୟାରିୟର କାଉନ୍‌ସେଲିଂ ବ୍ୟବସ୍ଥା, ବିଭିନ୍ନ ବୈଷୟିକ ଶିକ୍ଷା ସମ୍ବନ୍ଧରେ ଅବଗତ କରିବା ପାଇଁ ବିଷୟ ବିଶାରଦ ରୂପେ ପ୍ରେରଣାଦାୟକ ବକ୍ତା ରାମକିଶୋର ଶର୍ମା ଶିଶୁଙ୍କୁ ପରାମର୍ଶ ସେବା, କ୍ୟାରିୟର ଶିକ୍ଷା, ନିଯୁକ୍ତି, ରୋଜଗାରଭିତ୍ତିକ ବୈଷୟିକ ପାଠ୍ୟକ୍ରମ ବିଷୟରେ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଦେଇଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଏବଂ ପୃଷ୍ଠପୋଷକତା ଗ୍ରହଣ କରିଥିବା ମୋଟ୍ ୭୦ ଜଣ ଛାତ୍ରଛାତ୍ରୀ, ସମ୍ପୃକ୍ତ ଅନୁଷ୍ଠାନର ଅଧୀକ୍ଷକ, ସମ୍ପାଦକ, ପରାମର୍ଶଦାତାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶେଷରେ ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଆନୁଷ୍ଠାନିକ ଅଧିକାରୀ ସ୍ୱିଗ୍ଧାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● କୋଣାର୍କ-କାକଟପୁର ରାସ୍ତାରେ ତ୍ରୁଟିପୂର୍ଣ୍ଣ ସୂଚନାଫଳକ
## ଦିଗହରା ହୋଇ କଷ୍ଟ ଭୋଗୁଛନ୍ତି ପର୍ଯ୍ୟଟକ

କୋଣାର୍କ,୨୨।୪(ସମିସ): କୋଣାର୍କ-କାକଟପୁର ପୂର୍ତ୍ତ ବିଭାଗ ରାସ୍ତାର କୁରୁଜଙ୍ଗ ଗ୍ରାମ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ତ୍ରୁଟିପୂର୍ଣ୍ଣ ସୂଚନାଫଳକ ଲଗାଯାଇଛି। ଫଳସ୍ୱରୂପ କୋଣାର୍କରୁ କାକଟପୁର, କାକଟପୁରରୁ କୋଣାର୍କ ଦେଇ ପୁରୀ କିମ୍ବା ଭୁବନେଶ୍ୱର ଅଭିମୁଖେ ଯାଉଥିବା ପର୍ଯ୍ୟଟକମାନେ ଦିଗହରା ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଣାର୍କ ପୂର୍ତ୍ତ ବିଭାଗର କୋଣାର୍କ ସେକ୍ସନ ପକ୍ଷରୁ କୁରୁଜଙ୍ଗ ଗ୍ରାମର ପ୍ରବେଶ ପଥରେ ଲଗାଯାଇଥିବା ସୂଚନାଫଳକର ଉଭୟ ପାର୍ଶ୍ୱରେ ପୁରୀ, କାକଟପୁର ଓ ନିମାପଡ଼ାକୁ ଯାଇଥିବା ରାସ୍ତା ସମ୍ପର୍କରେ ତୀର ଚିହ୍ନ ଦ୍ୱାରା ଦର୍ଶାଯାଇଛି। ଏହି ସୂଚନାଫଳକରେ ନିମାପଡ଼ାକୁ ଯାତାୟାତ କରିବା ରାସ୍ତା କୁରୁଜଙ୍ଗ ଗ୍ରାମ ଆଡ଼କୁ ତୀର ଚିହ୍ନ ଦ୍ୱାରା ଦର୍ଶାଯାଇଛି। କୁରୁଜଙ୍ଗ ଛକରୁ ନିମାପଡ଼ାର ଦୂରତ୍ୱ ୨୦ କିଲୋମିଟର ଦର୍ଶାଯାଇ କୁରୁଜଙ୍ଗ ଗ୍ରାମ ଭିତରକୁ ଯାଇଥିବା ରାସ୍ତାକୁ ତୀର ଚିହ୍ନ ନିର୍ଦ୍ଦେଶିତ ହୋଇଛି। ଏହି ଭୁଲ୍ ସୂଚନା ଯୋଗୁଁ କାକଟପୁରରୁ କୋଣାର୍କ ଦେଇ ନିମାପଡ଼ା ଅଭିମୁଖେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଦିଗହରା ହୋଇ କୁରୁଜଙ୍ଗ ଗ୍ରାମ ଭିତରକୁ ଯାଇ ବାଟବଣା ହେଉଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ କୋଣାର୍କ-କାକଟପୁର ରାସ୍ତାର କୁରୁଜଙ୍ଗ ଗ୍ରାମର ପ୍ରବେଶ ପଥରେ ମରାଯାଇଥିବା ତ୍ରୁଟିପୂର୍ଣ୍ଣ ସୂଚନାଫଳକକୁ ହଟାଯାଇ ପର୍ଯ୍ୟଟକଙ୍କ ସୁରକ୍ଷିତ ଯାତ୍ରା ନିମନ୍ତେ ନୂତନ ଫଳକ ଲଗାଇବା ପାଇଁ ସମାଜସେବୀ ଏନ୍‌ଏ ଶାହ ଅନ୍‌ସାରୀ ଦାବି କରିଛନ୍ତି।



## ଅଠର ମୂଳକ କୈବର୍ତ୍ତ ମହାସଭାର ବାର୍ଷିକ ଉତ୍ସବ



ଚାରିଛକ,୨୨।୪(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ଚହଟାସ୍ଥିତ ମା' ଜଗତେଶ୍ୱରୀଙ୍କ ପୀଠରେ ମଙ୍ଗଳବାର ଅଠର ମୂଳକ କୈବର୍ତ୍ତ ମହାସଭାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାସଭାର ସଭାପତି ଉପ ଆୟୋଗ ଚନ୍ଦ୍ରକାନ୍ତ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପିନାଥ କର ଯୋଗଦେଇ କୈବର୍ତ୍ତ ଜାତିର ଉନ୍ନତି ପାଇଁ ସୁଚିନ୍ତିତ ପରାମର୍ଶ ଦେଉଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା କୃଷକ ନେତା ସନାତନ ପାତ୍ର, କୈବର୍ତ୍ତ ମହାସମାଜ ଗବେଷଣା ପ୍ରତିଷ୍ଠାନର ଗବେଷକ ଡ. କେଦାରନାଥ ସାହୁ, କୋଷାଧ୍ୟକ୍ଷ ସରୋଜ ବେହେରା, ଉପଦେଷ୍ଟା କୃଷ୍ଣମୋହନ ବେହେରା, ଭ୍ରମରବର ବେହେରା, କରୁଣାକର ବେହେରା, ବ୍ରହ୍ମାନନ୍ଦ ଦାସ, (ଅଧିକାରୀ) ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁ ଚରଣ ବେହେରା, ଲିଙ୍ଗରାଜ ଦାସ, ସରପଞ୍ଚଙ୍କ ପ୍ରତିନିଧି ଅରକ୍ଷିତ ଭୋଇ, ପାଣ୍ଡବ ଚରଣ ବେହେରା, ସମିତିସଭ୍ୟ କେଦାରନାଥ ବେହେରା, ପୂର୍ବତନ ସଭାପତି ଭାରତ ବେହେରାଙ୍କ ନାତି ରାଜେଶ ବେହେରା, ମଙ୍ଗୁଳି ଭୋଇ, ରମେଶ ଚନ୍ଦ୍ର ମାଝୀ, ସରପଞ୍ଚ ତ୍ରିନାଥ ନାୟକ, ଡ. ଜଗବନ୍ଧୁ ବେହେରା, ସୁଧାଂଶୁ ଶେଖର ବେହେରା, ଚାରିଛକ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, ବରିଷ୍ଠ ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ଶିଶିର ସ୍ୱାଇଁ, ବିଜୟ ବେହେରା, ରାଜେଶ ଲେଙ୍କା, ବସନ୍ତ କୁମାର ମଲ୍ଲ, ଦେବାଶିଷ ନାୟକ, ବିନୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହାସଭାର ବାର୍ଷିକ ମୁଖପତ୍ର "ଜଗତେଶ୍ୱରୀ"କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମସ୍ତ ଅତିଥି କୈବର୍ତ୍ତ ଜାତିର ଉନ୍ନତି ପାଇଁ ସମସ୍ତେ ଏକତ୍ର ହେବା ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାସଭା ତରଫରୁ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର ଓ ସ୍ତମ୍ଭକାର ସନ୍ତୋଷ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜମି ଭାଗବଣ୍ଟାକୁ ନେଇ ବାପାଙ୍କୁ ହତ୍ୟାକଲା ପୁଅ



ନିମାପଡ଼ା,୨୨।୪(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଏକମକୋଣା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ପୁଅ ତା'ର ବାପାଙ୍କୁ ନୃଶଂସ ଭାବେ ହତ୍ୟା କରିଛି। ବୁଧବାର ହତ୍ୟାକାରୀ ପୁଅକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ଏକମକୋଣା ଗ୍ରାମର ବିମ୍ବାଧର ସ୍ୱାଇଁଙ୍କୁ ଗତ ମଙ୍ଗଳବାର ରାତ୍ରରେ ତାଙ୍କ ପୁଅ ବିଜୟକୃଷ୍ଣ ବାପାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜମି ଭାଗ ବାଣ୍ଟିବାକୁ ଜିଦ୍ ଧରି ବସିଥିଲା। ଜମି ଭାଗ ନ ଦେଲେ ଜୀବନରୁ ମାରିଦେବାକୁ ବିଜୟ ବାପାଙ୍କୁ ଧମକ ଦେଇଥିଲା। ଏ କଥାକୁ ବାପା ପ୍ରତିବାଦ କରିବାରୁ ପୁଅ ବିଜୟକୃଷ୍ଣ ତାଙ୍କୁ ଆକ୍ରମଣ କରିବା ସହ ଜୋର୍‌ରେ ଧକ୍କା ମାରିଥିଲା। ଫଳରେ ବାପା କାନ୍ଥରେ ପିଟିହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରେ ଏ ସଂକ୍ରାନ୍ତରେ ବିଜୟକୃଷ୍ଣଙ୍କ ଭାଇ ବିଦ୍ୟୁତ୍ ବରଣ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ଆଇଆଇସି ସୌମେନ୍ଦ୍ର ପାଇକରାୟ ସଦଳବଳେ ଏକମକୋଣା ଗ୍ରାମରେ ପହଞ୍ଚି ହତ୍ୟାକାରୀ ପୁଅ ବିଜୟକୃଷ୍ଣଙ୍କୁ ଗିରଫ କରିବା ସହ ୧୦୯/୨୬ରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପକାରଗାରକୁ ପଠାଇ ଦିଆଯାଇଛି।

## ଶିଶୁ ସାହିତ୍ୟ ପତ୍ରିକା 'ଟିକି ଚଢ଼େଇ' ଲୋକାର୍ପିତ



କଣାସ,୨୨।୪(ସମିସ): କଣାସ ବ୍ଲକ୍‌ର ଐତିହାସିକ ଗ୍ରାମ ଦିବ୍ୟସିଂହପୁରର ବାଲୁଙ୍କେଶ୍ୱର ଦେବ ପୀଠରେ ନବଦିନ ବ୍ୟାପୀ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣର ୭ମ ଦିବସର ସନ୍ଧ୍ୟା ଅଧିବେଶନରେ ଶିଶୁ ସାହିତ୍ୟିକ ବିଜୟ କୁମାର ସାହୁଙ୍କ "ଟିକି ଚଢେଇ" ଶିଶୁ ସାହିତ୍ୟ ପତ୍ରିକା ଲୋକାର୍ପିତ ହୋଇଯାଇଛି। ଶ୍ରୀରାମକୃପା ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଡ. ଅମ୍ବରୀଶ ଶତପଥୀ, ସମ୍ମାନିତ ଅତିଥି ଭାବେ ଲେଖକ ଚକ୍ରଧର ତ୍ରିପାଠୀ, ପ୍ରବଚକ ପଣ୍ଡିତ ବିକ୍ରମ ମହାରଣା, ସମାଜସେବୀ ମଦନମୋହନ ମହାପାତ୍ର, ହରମୋହନ ନାୟକ, ଯୋଗେନ୍ଦ୍ର ନାୟକ, ସାହିତ୍ୟିକ ବିଜୟ କୁମାର ସାହୁ, ବ୍ୟାସ ଦାମୋଦର ଦାସ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ସାରସ୍ୱତ ସାଧକ କବି କାଶୀନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଶିକ୍ଷକ ଡ. ସାରଥି ଜେନା ପରିଚାଳନା କରିଥିଲେ। ଯୁବ ସାମ୍ବାଦିକ ସୁମନ୍ତ ସୁନ୍ଦରାୟଙ୍କୁ ବିଶିଷ୍ଟ ସାମ୍ବାଦିକ, ଶ୍ୟାମାଶଙ୍କର ମିଶ୍ରଙ୍କୁ କୃଷକ ବନ୍ଧୁ ଓ ସୁମନ୍ତ ବେହେରାଙ୍କୁ କୃତୀ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରାଇଜିଂ ଷ୍ଟାର୍ ଚାମ୍ପିଅନ



ନିମାପଡ଼ା,୨୨।୪(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ବଡ଼ନିନିଗାଁ ଛକଠାରେ ଚକାଡୋଳା କ୍ରିକେଟ କ୍ଲବ୍ ପକ୍ଷରୁ ଗ୍ରାମରେ ଥିବା ସ୍କୁଲ ପଡ଼ିଆରେ ୩ ଦିନିଆ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଇନିଂ ଷ୍ଟାର୍‌କୁ ପରାସ୍ତ କରି ରାଇଜିଂ ଷ୍ଟାର୍ ଚାମ୍ପିଅନ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ନିନିଗାଁ, ରାଇଜିଂ କିଙ୍ଗ୍, ସାଇନିଙ୍ଗ୍ ଷ୍ଟାର୍, ରିଭେନେଜେ ୱାରିୟର, ରାଇଜିଂ ଷ୍ଟାର୍, ରିଅଲ ହିରୋ, ବି.ବି.ଟାଇଗର, ଏମ୍‌ସିସି କ୍ଲବ୍ ଭଳି ୮ଟି ଦଳ ଭାଗ ନେଇଥିବାବେଳେ ୫ଟି ପଞ୍ଚାୟତରୁ ପ୍ରାୟ ୨୦୦ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟାର୍ ଓ ସାଇନିଂ ଷ୍ଟାର୍ ପରସ୍ପରକୁ ଭେଟିଥିଲେ। ୭ ଓଭର ବିଶିଷ୍ଟ ମ୍ୟାଚ୍‌ରେ ସାଇନିଂ ଷ୍ଟାର୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ୪୫ ରନ୍ କରିଥିବାବେଳେ ରାଇଜିଂ ଷ୍ଟାର୍ ୩ ୱିକେଟରେ ୪୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଛୋଟୁ ମଲ୍ଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଅବସରରେ ୧୮ ନମ୍ବର ଜୋନ୍‌ର ବିଜେପି ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା, ଚିତ୍ତରଞ୍ଜନ ଦାଶ, ସନ୍ଦିପ ନାରାୟଣ ଦାଶ, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଦୀପକ ଦାସ, କାଳନ୍ଦୀ ଛାଟୋଇ, ପର୍ଶୁରାମ ରାଉତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଡ୍ୟାମ୍ପିଂ ଅମ୍ପାୟାର ଏସ୍.କେ ମହାପାତ୍ର, ଚିତ୍ତରଞ୍ଜନ ଗଡ଼ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ବିକାଶ ନାୟକ, ରାମଚନ୍ଦ୍ର ବରାଳ, ସନ୍ତୋଷ ନାୟକ, ଭଗବାନ ନାୟକ, ରିଙ୍କୁ ଜେନା ପ୍ରମୁଖ ସ୍କୋର୍ ଦାୟିତ୍ୱ ତୁଲାଇବା ସହ ସହଯୋଗ କରିଥିଲେ। ବିଜେତା ଦଳକୁ ୨୬ ହଜାର ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୨୨ ହଜାର ଟଙ୍କା ସହ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

● ମେଲଣ ଶୋଭାଯାତ୍ରାରେ ଆତସବାଜି
## ବୋମା ଗୁଜବକୁ ନେଇ ତୀବ୍ର ପ୍ରତିକ୍ରିୟା; କାର୍ଯ୍ୟାନୁଷ୍ଠାନ ଦାବି

ବଳଙ୍ଗା,୨୨।୪(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ମାଳସାହି ଗ୍ରାମରେ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ମେଲଣ ଅନୁଷ୍ଠିତ ହେଉଛି। ଗ୍ରାମାଞ୍ଚଳରେ ମେଲଣ ଶୋଭାଯାତ୍ରାରେ ପରମ୍ପରା ଅନୁସାରେ ଆତସବାଜି କାର୍ଯ୍ୟକ୍ରମ ହେଉଥିବାବେଳେ ମଙ୍ଗଳବାର ମେଲଣରେ କିଛି ଆତସବାଜି କମିଟି ପକ୍ଷରୁ ଫୁଟାଯାଇଥିଲା। ଏହି ଆତସବାଜି ଫୁଟାଯିବାକୁ କେତେକ ଲୋକ ମେଲଣରେ ବୋମାମାଡ଼ ହେବା ନେଇ ପ୍ରଚାର କରିଥିଲେ। ଯାହାକୁ ନେଇ ବୁଧବାର ମେଲଣ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅପପ୍ରଚାର କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ମେଲଣ କମିଟି ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମେଲଣ କମିଟି ଓ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ତେବେ ବୋମା ଫୁଟିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ ଗ୍ରାମରେ ବିଦ୍ୱେଷ ଭାବ ସୃଷ୍ଟି ପାଇଁ କିଛି ଗୋଷ୍ଠୀଙ୍କର ଏହା ଏକ ଚକ୍ରାନ୍ତ ବୋଲି ସେମାନେ ପୁଲିସ ଆଗରେ ବୟାନ ଦେଇଥିଲେ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ପାଳନ

ନିମାପଡ଼ା,୨୨।୪(ସମିସ): ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରକୁ ପରମ ବୈଭବଶାଳୀ କରିବା ଲକ୍ଷ୍ୟ ନେଇ ସୁସଂସ୍କୃତ, ଅନୁଶାସିତ ଓ ରାଷ୍ଟ୍ର ପ୍ରତି ସମର୍ପିତ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ନିରନ୍ତର କରି ଚାଲିଛି। ସମାଜର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ମହାନୁଭବଙ୍କୁ ନେଇ ଏକ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ନିମାପଡ଼ା ଟାଉନ୍ ହଲ୍‌ଠାରେ ପୁରୀ ଜିଲ୍ଲା ସଂଘ ଚାଳକ ରମେଶ ଚନ୍ଦ୍ର ମାଝୀଙ୍କ ଆହ୍ୱାନରେ ୧୧ଟି ବ୍ଲକ୍‌ର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ମହାନୁଭବମାନେ ପଞ୍ଚ ପରିବର୍ତ୍ତନ ବିଶେଷ କରି ସାମାଜିକ ସମରସତା, ପରିବେଶ ସଂରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱ-ଆଧାରିତ ଜୀବନଶୈଳୀ ଓ ନାଗରିକ କର୍ତ୍ତବ୍ୟ ବୋଧ ଉପରେ ସ୍ୱୟଂ ସେବକମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ସଂଗଠକ ବିଭୁଦତ୍ତ ନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଂଘର ଓଡ଼ିଶା ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ପୁରୀ ଜିଲ୍ଲା ସଂଘ ମୁଖ୍ୟ ରମେଶ ଚନ୍ଦ୍ର ମାଝୀ, ପ୍ରଖଣ୍ଡ ପ୍ରମୁଖ ଭାଗିରଥି ଓଝା, ସଂଘ ଚାଳକ ଅମୂଲ୍ୟ ପ୍ରସାଦ ଦାଶ କାର୍ଯ୍ୟ ଭାର ତୁଲାଇଥିଲେ। ଶତାଧିକ ସ୍ୱୟଂ ସେବକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେବକ ପ୍ରସନ୍ନ କର ମଞ୍ଚ ସଂଯୋଜନା କରିଥିଲେ।

## ବାଳାଶ୍ରମରେ ବିବାହ ବାର୍ଷିକୀ ପାଳିଲେ ଦମ୍ପତି

ପୁରୀ,୨୨।୪(ସମିସ): ନରେନ୍ଦ୍ରକୋଣସ୍ଥିତ ଉତ୍କଳବାଳାଶ୍ରମରେ ପ୍ରଥମ ବିବାହ ବାର୍ଷିକୀ ପାଳିଛନ୍ତି ଇଞ୍ଜିନିୟର ଦମ୍ପତି। ଇଂ ବିଜୟା ଭାରତୀ ମିଶ୍ର ଓ ଇଂ. ସ୍ମୃତିରଞ୍ଜନ ପଣ୍ଡାଙ୍କ ଏଭଳି ମାନସିକତାକୁ ସାକାର କରାଇଛନ୍ତି ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପ୍ରୋଗ୍ରାମ ଅଧିକାରୀ ଶୁଭ ନାରାୟଣ ଶତପଥୀ। ବାଳାଶ୍ରମର ଅନ୍ତେବାସୀଙ୍କ ସହ ଏହି ଦମ୍ପତି ଉଭୟଙ୍କ ପିତାମାତା ଓ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରାୟ ୩ ଘଣ୍ଟା ଅତିବାହିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଦମ୍ପତିଙ୍କ ମାନସିକତାକୁ ପ୍ରଶଂସା କରିଥିଲେ। ଏହି ଦମ୍ପତି ବାଳାଶ୍ରମ ପରିସରରେ ଦୁଇଟି ଆମ୍ବ ଗଛ ଲଗାଇଥିଲେ।

## ସମୀର ଦାଶଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ନିମାପଡ଼ା,୨୨।୪(ସମିସ): ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ଜନ୍ମଦିନ ଉପଲକ୍ଷେ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସତ୍ୟଜିତ୍ ଆଚାର୍ଯ୍ୟ, ରାକେଶ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ମହତଦାନ, ଜଣକ ରକ୍ତରେ ଅନ୍ୟ ଜଣଙ୍କ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଶିବିରରେ ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

**କବି ଜୟଦେବ ଜୟନ୍ତୀ ସମାରୋହ**
# ଭକ୍ତକବି ଜୟଦେବ ଓଡ଼ିଆ ଜାତିର ଚିର ନମସ୍ୟ

ପୁରୀ,୨୨।୪(ସମିସ)




ପୁରୀ ଜିଲ୍ଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ବୁଧବାର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଭକ୍ତକବି ଜୟଦେବ ଆମ ଜାତିର ଚିରନମସ୍ୟ ବୋଲି କହିଥିଲେ। ତାଙ୍କ ରଚିତ ମଧୁର କୋମଳକାନ୍ତ ପଦାବଳୀ ଗୀତଗୋବିନ୍ଦର ପଟାନ୍ତର ନାହିଁ। ଯେଉଁ ଗୀତ ମହାପ୍ରଭୁଙ୍କର ପ୍ରିୟ ଓ ଯାହାକୁ ଶୁଣିଲେ ମହାପ୍ରଭୁ ନିଦ୍ରା ଯାଆନ୍ତି ତା' ସମ ଆଉ ସୃଷ୍ଟି ନାହିଁ ବୋଲି କହିବା ସହ ଜୟଦେବଙ୍କ ପାଇଁ ଆମେ ସବୁ ଧନ୍ୟ ବୋଲି କହିଥିଲେ। ଶ୍ରୀଜୟଦେବ ଫାଉଣ୍ଡେସନ ଓଡ଼ିଶାର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସରକାର ୧୯୯୧ ମସିହାଠାରୁ ଜୟଦେବ ଜୟନ୍ତୀ ପାଳନ କରିବା ସହ ଜୟଦେବଙ୍କ ନାମରେ ଏକ ନିର୍ବାଚନମଣ୍ଡଳୀ ମଧ୍ୟ କରାଯାଇଛି। ଅନେକ ପୁସ୍ତକ ପ୍ରକାଶନ ମାଧ୍ୟମରେ ଜୟଦେବ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇ ପାରିଛି ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ପ୍ରାକ୍ତନ ସଂସ୍କୃତି ସହ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ରୀଜୟଦେବ ଫାଉଣ୍ଡେସନ ପୁରୀ ଶାଖାର ସଦସ୍ୟ ଅନାମ ଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇ କବି ଜୟଦେବଙ୍କ ଜୀବନୀ, ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି, ସମର୍ପଣ ଓ ଗୀତଗୋବିନ୍ଦ ରଚନା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ସଞ୍ଚାଳନ କରିଥିଲେ। ଏହି ଅବସରରେ ଜୟଦେବଙ୍କ ଜୟନ୍ତୀଠାରୁ ଜୟଦେବ ପୀଠରୁ ଆରମ୍ଭ ହୋଇଥିବା ସଂକୀର୍ତ୍ତନ ମଣ୍ଡଳୀ ସଂସ୍କୃତି ଭବନରେ ପହଞ୍ଚି କଳା ପରିବେଷଣ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଭୟାରଣ୍ୟରେ ଗଞ୍ଜେଇ ଚାଷ

ନୟାଗଡ଼,୨୨।୪(ସମିସ)

ଗଞ୍ଜେଇ କାରବାର ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ବ୍ୟାପକ ବ୍ୟବସ୍ଥା କରିଛି। ଗଞ୍ଜେଇ ଚାଲାଣ ରୋକିବା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ତଥାପି କାରବାର ଉପରେ ଅଙ୍କୁଶ ଲାଗି ପାରୁନାହିଁ। ମାଫିଆଙ୍କ ପୃଷ୍ଠପୋଷକତାରେ ନିରୀହ ଆଦିବାସୀମାନେ ଜଙ୍ଗଲ ମଧ୍ୟରେ ଶତାଧିକ ଏକର ଗଞ୍ଜେଇ ଚାଷ କରୁଥିବା ଜଣାପଡ଼ିଛି। ବେଶ୍ କିଛିବର୍ଷ ହେବ ଜିଲ୍ଲାରେ ଗଞ୍ଜେଇ ଚାଷ ରୋକିବା ଉପରେ ପୁଲିସ କିମ୍ବା ଅବକାରୀ ବିଭାଗ ଧ୍ୟାନ ଦେଉ ନ ଥିବାରୁ ନୟାଗଡ଼ ଓ ବୌଦ୍ଧ ସୀମାନ୍ତ ଗ୍ରାମ ତଥା ସାତକୋଶିଆ ଅଭୟାରଣ୍ୟ କୋର୍ ଏରିଆରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ବଡ଼ଶିଲିଙ୍ଗା ପଞ୍ଚାୟତ ଡମାଘାଟି, ସେରେଣ୍ଡା, ରେକେଡ଼ି, ଜାନକାଝୋଲା ସମେତ ଆଖାପାଖ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଗଞ୍ଜେଇ ଚାଷ କରିଥିବା ସୂଚନା ମିଳିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଫାଙ୍କା ଅଞ୍ଚଳରେ ଗଞ୍ଜେଇ ଚାଷ କରାଯାଇଥିବା ବେଳେ କଟକ ଜିଲ୍ଲା ନରସିଂହପୁର ଏବଂ ଦଶପଲ୍ଲା ଅଞ୍ଚଳର କିଛି ମାଫିଆ ଏଥିପାଇଁ ଆଦିବାସୀଙ୍କୁ

## ଜାତୀୟ ରାଜପଥରେ ବେଧଡ଼କ ଚାଲାଣ

ପ୍ରୋତ୍ସାହିତ କରିଛନ୍ତି। ବୌଦ୍ଧ ଜିଲ୍ଲାର କିଛି ଗଞ୍ଜେଇ ବେପାରୀ ମଧ୍ୟ ଏହି ଅଞ୍ଚଳର ନିରୀହ ଆଦିବାସୀଙ୍କୁ ସବୁଜ ସ୍ୱପ୍ନ ଦେଖାଇ ଚାଷ କରିବାକୁ ପ୍ରବର୍ତ୍ତାଇଛନ୍ତି। ଫଳରେ ଉକ୍ତ ଗ୍ରାମଗୁଡ଼ିକରେ ଅନେକ ଚାଷୀ ଏକର ଏକର ଜମିରେ ଗଞ୍ଜେଇ ଚାଷ କରିଛନ୍ତି।

ସାତକୋଶିଆ ଅଭୟାରଣ୍ୟରେ ଅନେକ ସମୟରେ ମାଓବାଦୀଙ୍କ ଗତିବିଧି ରହିଥିବାରୁ ପୁଲିସ କି ବନବିଭାଗ ଉକ୍ତ ଅଞ୍ଚଳକୁ ଯାତାୟାତ କରେ ନାହିଁ। ଅବକାରୀ ବିଭାଗ ମଧ୍ୟ ଏଥିପ୍ରତି ଆଦୌ ଦୃଷ୍ଟି ଦିଏନାହିଁ। ଭୟକୁ ସାହାରା କରି ଉକ୍ତ ଅଞ୍ଚଳ ଏବେ ସବୁଜ ନିଶା ସୃଷ୍ଟିର ମୁଖ୍ୟ ଉତ୍ପାଦନ କେନ୍ଦ୍ର ପାଲଟିଛି।

ନୟାଗଡ଼ ଜିଲ୍ଲା ଦେଇ ରାଜ୍ୟ ବାହାରକୁ ପ୍ରତ୍ୟେକ ଦିନ ଶହ ଶହ କ୍ୱିଣ୍ଟାଲ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜିଲ୍ଲା ପୁଲିସ ଏହାକୁ ରୋକିବାରେ କିଛି ମାତ୍ରରେ ସଫଳ ହୋଇଛି। ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ନୟାଗଡ଼ ଜିଲ୍ଲା ଦେଇ ଅହରହ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ କାଁ ଭାଁ ଧରପଗଡ଼ କରୁଥିବା ସୂଚନା ମିଳିଛି।

## ଗଞ୍ଜେଇ ଧରିବାକୁ ନକଲି ଓ ଅସଲି କର୍ମଚାରୀ

ନୟାଗଡ଼,୨୨।୪(ସମିସ): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ଦେଇ ପ୍ରତ୍ୟହ ଗଞ୍ଜେଇ ଚାଲାଣ ହେଉଛି। କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ମାଫିଆ ଭିନ୍ନ ଭିନ୍ନ ତରିକା ଆପଣାଉଛନ୍ତି। ନାବାଳକ, ମହିଳାଙ୍କୁ ଅସ୍ତ୍ର କରି ନୂଆ ତରିକାରେ ଗଞ୍ଜେଇ ଚାଲାଣ କରାଯାଉଛି। ଏଭଳି ସ୍ଥିତିରେ ଗଞ୍ଜେଇ ଧରିବାକୁ ଜାତୀୟ ରାଜପଥରେ ନକଲି ଓ ଅସଲି କର୍ମଚାରୀଙ୍କ ରାଜ୍ ଚାଲୁଛି। ନୟାଗଡ଼ ଅବକାରୀ ବିଭାଗ ଅଧୀନ ଅଞ୍ଚଳରେ ଅନ୍ୟ ସ୍ଥାନର ଅବକାରୀ ଥାନା ପୁଲିସ ଦଶପଲ୍ଲା ଅବକାରୀ ଥାନା ଅଞ୍ଚଳରେ ପଶି ବିଭିନ୍ନ ଗାଡ଼ି ଖାନତଲାସି କରୁଛନ୍ତି। ଗଞ୍ଜେଇ ମିଳିଲେ ମାଫିଆ ତଥା ଚାଲାଣକାରୀଙ୍କୁ ମାଡ଼ ମାରି ତାଙ୍କଠାରୁ ଟଙ୍କା ଆଦାୟ କରି ଛାଡ଼ି ଦିଆଯିବାସହ ସେମାନଙ୍କଠାରୁ ମିଳିଥିବା ଗଞ୍ଜେଇକୁ ବାହାରେ ବିକ୍ରି କରାଯାଉଛି। ଦଶପଲ୍ଲା ଓ ନୂଆଗାଁ ମଧ୍ୟରେ କିଛି ନକଲି ଅବକାରୀ ତଥା ନକଲି ପୁଲିସ ମଧ୍ୟ ଗଞ୍ଜେଇ ଧରପଗଡ଼ କରୁଥିବା ଦୀର୍ଘଦିନ ଧରି ଅଭିଯୋଗ ହେଉଛି। ଖାକି ପୋଷାକ ପିନ୍ଧି ଗଞ୍ଜେଇ ଧରି ସେମାନଙ୍କଠାରୁ ଟଙ୍କା ଆଦାୟ ଓ ଗଞ୍ଜେଇ ବିକ୍ରି କରି ମାଲେମାଲ ହେବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଅବକାରୀ ଓ ପୁଲିସ ବିଭାଗ ବରିଷ୍ଠ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରଖିବାକୁ ପରାମର୍ଶ



ଭାପୁର,୨୨।୪(ସମିସ): ପୋଷଣ ପକ୍ଷ ପାଳନ ଉତ୍ସବରେ ଯୋଗଦେଇ କୋମଳମତି ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଶିଶୁର ସାମଗ୍ରୀକ ବିକାଶ ପାଇଁ ଉତ୍ତମ ପୋଷଣ ନିତାନ୍ତ ଜରୁରୀ। ଭିଟାମିନଯୁକ୍ତ ପୋଷଣ ଶିଶୁଙ୍କୁ ପ୍ରଦାନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ୨୦୧୮ ରୁ ପୋଷଣ ପକ୍ଷ ପାଳନ କରୁଥିବାବେଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସମ୍ବନ୍ଧିତ ଶିଶୁ ପ୍ରକଳ୍ପ ବିଭାଗ ଜରିଆରେ ଏହା କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅଷ୍ଟମ ପୋଷଣ ପକ୍ଷ ଭାପୁର ବ୍ଲକର ୧୫୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ରାକମା ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର-୧ରେ ସରପଞ୍ଚ ସନ୍ତୋଷୀ ବେହେରାଙ୍କ ସଭାପତିତ୍ୱରେ ୨୪ ଜଣ ଗର୍ବବତୀ ଓ ପ୍ରସୂତି ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଉପସ୍ଥିତିରେ ଭିଟାମିନଯୁକ୍ତ ଖାଦ୍ୟ ପ୍ରଦର୍ଶନୀ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ନମିତା ପଟ୍ଟଯୋଶୀ ଏହି ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କର ବିକାଶ ପାଇଁ ୮୫ ପ୍ରତିଶତ ପୋଷଣ ଆବଶ୍ୟକ। ତାହା ଅଙ୍ଗନବାଡ଼ି କେନ୍ଦ୍ରରେ ମିଳୁଥିବାରୁ ଅପପୁଷ୍ଟି ଧୀରେ ଧୀରେ କମିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

● ନକଲି ସାର୍ଟଫିକେଟରେ ଚାକିରି

## ଶିକ୍ଷକ ଜିତେନ୍ଦ୍ର ଘଡ଼େଇ ଗିରଫ

ନୟାଗଡ଼/ଶରଣକୁଳ/ଓଡ଼ଗାଁ,୨୨।୪(ସମିସ): ନକଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ପ୍ରାୟ ୧୨ ବର୍ଷ ଧରି ଚାକିରି କରିଆସୁଥିବା ଜଣେ ଶିକ୍ଷକଙ୍କୁ ଶେଷରେ ଶରଣକୁଳ ଥାନା ପୁଲିସ ଗିରଫ କରିଛି। ଗିରଫ ଶିକ୍ଷକ ଜଣକ ହେଲେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ଦୁରୁଦୁରା ଗ୍ରାମର ବଳରାମ ଘଡ଼େଇଙ୍କ ପୁଅ ଜିତେନ୍ଦ୍ର କୁମାର ଘଡ଼େଇ। ୨୦୨୧ରେ ତତ୍କାଳୀନ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଏନେଇ ଅଭିଯୋଗ ଆଣିଥିଲେ। ଜିତେନ୍ଦ୍ର ସେ ସମୟରେ ବଧିସାହି ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ନିଜ ନକଲି ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷା ବିଭାଗରେ



ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିବା ନେଇ ବିଇଓ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଶରଣକୁଳ ଥାନାରେ ୨୦୨୧ ନଭେମ୍ବର ୩ରେ ଏକ ମାମଲା ରୁଜୁ ହୋଇଥିଲା। ବିଭାଗୀୟଯାଞ୍ଚ ଏବଂ ପୁଲିସ ତଦନ୍ତରୁ ଜିତେନ୍ଦ୍ର ଦେଇଥିବା ଯୁକ୍ତଦୁଇ ଓ ଯୁକ୍ତତିନି ପ୍ରମାଣପତ୍ର ଏବଂ ମାର୍କସିଟ୍ ସମ୍ପୂର୍ଣ୍ଣ ନକଲି ବୋଲି ଜଣାପଡ଼ିଥିଲା। ସେ ୨୦୧୧ ଏପ୍ରିଲ ୬ ତାରିଖ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇବା ବେଳେ ଏହି ଜାଲ୍ କାଗଜପତ୍ର ବ୍ୟବହାର କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ସେ ଶିକ୍ଷା ବିଭାଗରେ ରହିବା ସହ ସରକାରୀ ତହବିଲରୁ ବେଆଇନ ଭାବେ ଦରମା ଆକାରରେ ଲକ୍ଷ ଲକ୍ଷ ଟଙ୍କା ନେଇ ରାଜକୋଷକୁ ବ୍ୟାପକ କ୍ଷତି ପହଞ୍ଚାଇଥିଲେ। ଶେଷରେ ବୁଧବାର ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସରକାରୀ ଚାକିରିରେ ଏଭଳି ଜାଲିଆତି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

● ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ

## ୨ ମାମଲା ରୁଜୁ, ୩ ଗିରଫ

ଓଡ଼ଗାଁ,୨୨।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ମହୁଲିଆ ଗାଁରେ ଜମିବାଡ଼ି ବିବାଦକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ଗୋଷ୍ଠୀଙ୍କ ତରଫରୁ ଥାନାରେ ଅଭିଯୋଗ ପରେ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋଟିଏ ଗୋଷ୍ଠୀର ଜଣେ ଏବଂ ଅନ୍ୟ ଗୋଷ୍ଠୀର ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମହୁଲିଆ ଗାଁର କୃଷ୍ଣଚନ୍ଦ୍ର ଦୋରାଙ୍କ ଅଭିଯୋଗ ଅନୁସାରେ ଗତ ୨୦ ତାରିଖ ସୋମବାର ସେ ଓଡ଼ଗାଁ ଥାନାକୁ ଆସୁଥିବା ବେଳେ



ରାଜେଶ ରାଇସ ମିଲ ଓ ଫରେଷ୍ଟ ନର୍ସରୀ ନିକଟରେ ସେହି ଗାଁର ଛବି ପରିଡ଼ା, କୈଳାସ ଚନ୍ଦ୍ର ରାଉତ, ଲକ୍ଷ୍ମୀଧର ନାୟକ, ଶିବ ନାୟକ, ଶଙ୍କର ନାୟକ, ବାଦଲ ରାଉତ ଏବଂ ସନ୍ତୋଷ ଦୋରା ସଂଘବଦ୍ଧ ଆକ୍ରମଣ କରିଥିଲେ। ସେହିପରି ଗାଁର ଛବି ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ ଟିଟୁ ଓରଫ ବଳରାମ ରାଉତଙ୍କ ସହ ଅନ୍ୟ ୪ ଜଣ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଉଭୟ ମାମଲାରେ ପୁଲିସ ଗୋଟିଏ ପକ୍ଷର ବଳରାମ ସାହୁ ଏବଂ ଅନ୍ୟପକ୍ଷରୁ ଛବି ପରିଡ଼ା ଓ ଶିବ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘଦିନ ଧରି ମହୁଲିଆ ଗାଁରେ ଗ୍ରାମ୍ୟ ସମସ୍ୟା, ଗୋଷ୍ଠୀଗତ ସମସ୍ୟା ଏବଂ ବ୍ୟକ୍ତିଗତ ସମସ୍ୟା ଲାଗି ରହିଛି। ବିଜେଡି ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ସବୁବେଳେ ଉତ୍ତେଜନା ଲାଗି ରହିଥିବାରୁ ଗାଁ ସର୍ବଦା ଅଶାନ୍ତ ରହୁଛି। ଏହାଦ୍ୱାରା କିଶୋର ଓ ଯୁବଗୋଷ୍ଠୀ ପ୍ରଭାବିତ ହେଉଛନ୍ତି। ପାଠପଢ଼ା ବ୍ୟାହତ ହେଉଛି। ମେଳା ମହୋତ୍ସବ, ସଂସ୍କୃତି ପରମ୍ପରା ମଧ୍ୟ ଏମାନଙ୍କୁ ଏକାଠି କରିପାରୁନାହିଁ। ଯଦି ଉଭୟ ଗୋଷ୍ଠୀର ନେତୃତ୍ୱ ଏ କଥା ବୁଝିପାରନ୍ତେ ତେବେ ଗାଁକୁ ଶାନ୍ତି ଫେରିଆସନ୍ତା ବୋଲି ମତ ପ୍ରକାଶ ପାଇଛି।

## ବେକରେ କେବୁଲ ଲାଗି ଅଧ୍ୟାପକ ଆହତ

ଓଡ଼ଗାଁ,୨୨।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସିର ଓଡ଼ଗାଁ ମୁଖ୍ୟ ବଜାର ହନୁମାନ ଛକରୁ ସିନେମା ହଲ୍ ଛକ ଆଡ଼କୁ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ଶରଣକୁଳ କଲେଜ ଇତିହାସ ବିଭାଗ ଅଧ୍ୟାପକ ନାରାୟଣ ପ୍ରଧାନ ତାଙ୍କ ପୁଅ ସହ ବାଇକରେ ଯାଉଥିବା ବେଳେ ଓଡ଼ଗାଁରେ ନିର୍ମାଣାଧୀନ ନୂଆ ବସଷ୍ଟାଣ୍ଡକୁ ଯାଇଥିବା ରାସ୍ତା ତଥା ମାଛ



ମାର୍କେଟ ପାଖରେ ଏକ କେବୁଲ ତାର ତାଙ୍କ ବେକରେ ଲାଗିଯାଇଥିଲା। ବାଇକ୍ ସ୍ପିଡ୍ ନ ଥିଲେ ମଧ୍ୟ ବ୍ରେକ ଦେବା ଭିତରେ କେବୁଲ ଭିଡ଼ି ହୋଇ ନାରାୟଣଙ୍କ ବେକ ଚିପି ହେବା ସହ ବେକର ଗୋଟିଏ ପାଖରୁ ଚମଡ଼ା ଉତୁରି ଯାଇଥିଲା। ଓଡ଼ଗାଁ ସହରରେ କେବୁଲ ତାର ସବୁଆଡ଼େ ବିଛେଇ ହୋଇ ପଡ଼ିଥିବା ବେଳେ ସମୟ ସମୟରେ କେଉଁଠି ତାର ଛିଣ୍ଡିଗଲେ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ଏଥିପ୍ରତି କେବୁଲ ପକାଉଥିବା ସଂସ୍ଥା ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଧରିତ୍ରୀ ଦିବସରେ ବ୍ୟାପକ ସଚେତନତା

ଓଡ଼ଗାଁ,୨୨।୪(ସମିସ): ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ପାଇଁ ୧୯୭୦ରୁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖ ସାରା ବିଶ୍ୱରେ ଧରିତ୍ରୀ ଦିବସ ପାଳନ କରାଯାଉଛି। ଏହି ଅବସରରେ ନୟାଗଡ଼ ଜିଲ୍ଲାରେ ମଧ୍ୟ ବିଭିନ୍ନ ପରିବେଶପ୍ରେମୀ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତ ବର୍ଷର ଧରିତ୍ରୀ ଦିବସର ପ୍ରେରଣାଦାୟକ ବାର୍ତ୍ତା 'ଆମର ଶକ୍ତି, ଆମର ପୃଥିବୀ'କୁ ଆଧାର କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାରାରୋପଣ, ଜଙ୍ଗଲ ଓ ପାହାଡ଼ର ସୁରକ୍ଷା, ଜଙ୍ଗଲ ନିଆଁ ପ୍ରତିରୋଧ, ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇ ସୂର୍ଯ୍ୟ, ପବନ ଓ ଜୁଆର ଶକ୍ତି ପରି ବିକଳ୍ପ ଶକ୍ତିର ପ୍ରଚାର ଉପରେ ଜୋର୍ ଦିଆଯାଇଛି। ଓଡ଼ଗାଁ ସହ ପାର୍ଶ୍ୱବର୍ତ୍ତୀ




କୁରାଳ, ହନୁମନ୍ତିଆ, ନାଉରିଆ, ଲଣ୍ଡାବାଦୁ, ଲୁଣି, ସୁଗୁମୁ, ଖଇରନଟି, ଡହଙ୍ଗି, ଝାଡ଼ସାହି, ମାରେଡ଼ି, ସାତପାଟିଆ, ହରିହରପୁର ଓ ଦଶପଲ୍ଲା ଅଞ୍ଚଳର ଗ୍ରାମଗୁଡ଼ିକରେ ପାରମ୍ପରିକ ପୂଜା ସାମଗ୍ରୀ ସହ ସଂକୀର୍ତ୍ତନ ମାଧ୍ୟମରେ ଧରିତ୍ରୀ ମାତା ଓ ବୃକ୍ଷ ପୂଜନ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲାସାରା ଧରିତ୍ରୀ ମାତାଙ୍କ ପୂଜା ସହ ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ ଜଣାଇଛନ୍ତି ଜିଲ୍ଲା ପରିବେଶ ଓ ସାମାଜିକ କର୍ମୀ ସମନ୍ୱୟ ସମିତି ସଂଯୋଜକ ସୁକାନ୍ତ ଚୌଧୁରୀ।

■ ପୌର ପରିଷଦ ଟେଣ୍ଡର ଫିକ୍ସିଂ ଘଟଣା

## ଭିଜିଲାନ୍ସକୁ ଅଭିଯୋଗ କଲେ କଂଗ୍ରେସ ସଭାପତି

ନୟାଗଡ଼,୨୨।୪(ସମିସ): ନୟାଗଡ଼ ପୌର ପରିଷଦରେ ପ୍ରାୟ ଅଢ଼େଇ କୋଟି ଟଙ୍କାର ୩୨ଟି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଠିକାଦାର ସଙ୍ଘ ମିଳିତ ଷଡ଼ଯନ୍ତ୍ର କରି ଟେଣ୍ଡର ଫିକ୍ସିଂ କରିଥିବା ନେଇ କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାଶ ନୟାଗଡ଼ ଭିଜିଲାନ୍ସ ଡିଏସପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ଏହି ଟେଣ୍ଡର ପ୍ରକ୍ରିୟା ଫିକ୍ସିଂ କରାଯାଇ ରାଜ୍ୟ ରାଜକୋଷରୁ ପ୍ରାୟ ୪୦ ଲକ୍ଷ ଟଙ୍କା କ୍ଷତି କରାଯାଇଥିବା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ କରାଯାଇଥିଲା। ୩୨ଟି କାର୍ଯ୍ୟ ପାଇଁ ପ୍ରତ୍ୟେକ ଟେଣ୍ଡର ପେପରରେ ଠିକା ସଂସ୍ଥାମାନେ ସମାନ ଅଟକଳ ମୂଲ୍ୟ ଦର୍ଶାଇଥିବା ପୂର୍ବ ଷଡ଼ଯନ୍ତ୍ରର ପ୍ରମାଣ ହୋଇଥିବା ଅଭିଯୋଗରେ କୁହାଯାଇଛି। ଲଟେରୀ ପ୍ରକ୍ରିୟାରେ ଭାଗ ନ ନେବା ପାଇଁ ଠିକାଦାର ଶିଶିର କୁମାର ପ୍ରଧାନ ଏବଂ ବୀଣାପାଣି ବେହେରାଙ୍କୁ ଜଣେ ଠିକାଦାର ବାରଣ କରାଇବାର ରହସ୍ୟ କ'ଣ ତାହା ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ପ୍ରଶାସନିକ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାବତ କୌଣସି ତଦନ୍ତ ହୋଇପାରିଲା ନାହିଁ। ତେଣୁ ବାଧ୍ୟ ହୋଇ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଠିକାଦାର ସଙ୍ଘ ଅସାଧୁ ମେଣ୍ଟର ପର୍ଦ୍ଦାଫାସ ପାଇଁ ଭିଜିଲାନ୍ସ ଡିଏସପିଙ୍କୁ ଅଭିଯୋଗ କରାଯାଇଛି ବୋଲି ରଣଜିତ ପ୍ରେସବାର୍ତ୍ତାରେ କହିଛନ୍ତି।

## ଏସି ବିସ୍ଫୋରଣରେ ଜଳିଗଲା ଘର

ଗଣିଆ,୨୨।୪(ସମିସ): ଗଣିଆର ଗଣପର୍ବ ଲଙ୍କାପୋଡ଼ି ଯାତ୍ରା ପାଇଁ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ଘଟିଛି ଏକ ଦୁଃଖଦ ଘଟଣା। ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ବିଜୟନଗର ଗ୍ରାମରେ ଏସି ବିସ୍ଫୋରଣରେ ଛାତଘର ପୋଡ଼ିଯାଇଥିବା ବେଳେ ଘରେ ଥିବା ସୁନାରୁପା ଅଳଙ୍କାର, ଆସବାବପତ୍ର, ସରକାରୀ ନଥିପତ୍ର ପୋଡ଼ି ପାଉଁଶ ହୋଇଛି। ଗ୍ରାମର ନରସିଂହ ମହାଳିକଙ୍କ ପୁଅ ସନାତନ ମହାଳିକଙ୍କ ଘରେ ମଙ୍ଗଳବାର ରାତିରେ ଅଚାନକ ବିସ୍ଫୋରଣ ଘଟି ନିଆଁ ଲାଗିଥିଲା। ପରିବାର ଲୋକେ ବାହାରକୁ ଚାଲିଆସି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ା ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଆଁର ପ୍ରକୋପରେ ସବୁକିଛି ଛାରଖାର ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

ଉଠିଲାଣି ପିଚୁ, ଗଡ଼ିଲାଣି ମେଣ୍ଟାଲ

## ଝରା ପକାଇ ଠକିଦେଲେ ଠିକାଦାର

ରଣପୁର,୨୨।୪(ସମିସ): ରଣପୁର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସୁର୍କାବାଡ଼ି ପଞ୍ଚାୟତର ସୁର୍କାବାଡ଼ି ବଜାରଠାରୁ ଦର୍ପନାରାୟଣପୁର ୧୦ କିଲୋମିଟର ରାସ୍ତା ଏବଂ ସୁର୍କାବାଡ଼ି କୋଦାଳପଲ୍ଲୀ ୭ କିଲୋମିଟର ରାସ୍ତା ଦେଇ କଙ୍କିଆ ପର୍ଯ୍ୟନ୍ତ ଏହି ଦୁଇ ରାସ୍ତା କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିଲା। କାର୍ଯ୍ୟ ସାରିବା ଦିନଠାରୁ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୪୨ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ବରାଦ ଥିବାବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଏକ ବର୍ଷ ନ ପୂରୁଣୁ ରାସ୍ତାର ପିଚୁ ଉଠିବା ସହ ମେଣ୍ଟାଲ ଗଡୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଠିକାଦାର ଉପଯୁକ୍ତ ମରାମତି ନ କରି କେବଳ ଝରା ଛିଞ୍ଚିଦେଇ କାମ ସାରିଦେଇଛନ୍ତି।



ବିଭିନ୍ନ ସ୍ଥାନରେ ଆବଡ଼ା ଖବଡ଼ା ଓ ଖାଲଖମା ହେଇ ରାସ୍ତା ଫାଟି ଆଁ କରି ରହିଛି। ଏହା ସତ୍ତ୍ୱେ ପାଇପ ଲାଇନ କାର୍ଯ୍ୟ କରୁଥିବା ଠିକାଦାର ମନଇଚ୍ଛା ରାସ୍ତା ତାଡ଼ିଦେଇଥିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। ଦିନରାତି ଜନସାଧାରଣ ବାଇକ, ସାଇକଲ ଓ ଚାରିଚକିଆରେ ବାଣିଜ୍ୟିକ ପେଣ୍ଠସ୍ଥଳୀ ରାଜସୁନାଖଳା ସହ ଭୁବନେଶ୍ୱର ଯିବାକୁ ଏହି ରାସ୍ତା ବାଇପାସ ଭଳି କାର୍ଯ୍ୟ କରିଥାଏ। ତେବେ ଠିକାଦାରଙ୍କ ଏଭଳି କାର୍ଯ୍ୟ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ଠିକାଦାରଙ୍କ ବିଲ୍ କରାଯିବ ନାହିଁ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଲ୍ ପାସ କରିଦେଇଥିବା ସୂଚନା ମିଳିଛି। ଏହାର ଉପଯୁକ୍ତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି ହେଉଛି।

## ବାଇକ ଦୁର୍ଘଟଣାରେ ଜଣେ ମୃତ

ନୟାଗଡ଼,୨୨।୪(ସମିସ): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଇଟାମାଟି ସିନେମା ହଲ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଟାମାଟିର ଉପେନ୍ଦ୍ର ନାୟକ। ଦୁଇ ଯୁବକ ବାଇକ ଯୋଗେ ଯାଉଥିବା ବେଳେ ଅସାବଧାନତା କାରଣରୁ ଦୁର୍ଘଟଣା ଘଟିଛି। ଉପେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଛନ୍ତି।

## ଶ୍ରୀରାମଙ୍କ ରାଜ୍ୟାଭିଷେକ, ସରିଲା ଗଣିଆର ଗଣପର୍ବ

ଗଣିଆ,୨୨।୪(ସମିସ)

ଗଣିଆର ଆରାଧ୍ୟ ଦେବତା ପ୍ରଭୁ ରଘୁନାଥଜୀଉଙ୍କ ପୀଠରେ ଦୀର୍ଘ ୧୩ ଦିନ ଧରି ଚାଲିଥିବା ଗଣିଆର ଗଣପର୍ବ ଲଙ୍କାପୋଡ଼ି ଯାତ୍ରା ଶ୍ରୀରାମଙ୍କ ରାଜ୍ୟାଭିଷେକ ପରେ ଶେଷ ହୋଇଛି। ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧ କରିବା ପରେ ମାତା ସୀତାଙ୍କ ଅଗ୍ନି ପରୀକ୍ଷା କରିଥିଲେ। ପରେ ପ୍ରଭୁ ରାମଚନ୍ଦ୍ର ମାତା ସୀତା, ଲକ୍ଷ୍ମଣଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ରାମଚନ୍ଦ୍ର ଫେରିବା ପରେ ଅଯୋଧ୍ୟାରେ ପୁଣି ଖୁସି ଫେରି ଆସିଥିଲା। ଏହି ଆକର୍ଷଣୀୟ ଦୃଶ୍ୟ ଦେଖିବାକୁ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ମାତା ସୀତା ଓ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର ଥିଲା। ଉଭୟ ରାଜଗାଦିରେ ଉପବେଶନ କରିଥିବା ବେଳେ ଲକ୍ଷ୍ମଣ ଛତ୍ର ଟେକି ଠିଆ ହୋଇଥିଲେ।



ପରମ୍ପରା ଅନୁସାରେ ରାଜ୍ୟାଭିଷେକ ସମୟରେ କିଛି ଦାନଧର୍ମ କଲେ ପୁଣ୍ୟ ମିଳେ। ସେଥିପାଇଁ ଉପସ୍ଥିତ ଦର୍ଶକ ଟଙ୍କାଠାରୁ ଆରମ୍ଭ କରି ମିଠା, ବସ୍ତ୍ର ଆଦି ଦାନ କରିଥିଲେ। ରାଜ୍ୟାଭିଷେକ ପରେ ସମଗ୍ର ନଗରୀରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଚଳିତବର୍ଷ ବୁଧବାର ରାମ ନାଟକର ଅନ୍ତିମ ଦିବସ ଥିବାରୁ ସମସ୍ତ କଳାକାର ଏକାଠି ହୋଇ ପୁଣି ଆରବର୍ଷ ପାଇଁ ସଂକଳ୍ପ ନେଇଥିଲେ। ଏହି ଯାତ୍ରା ଉତ୍ସବରେ ସହଯୋଗ କରିଥିବା ଅଗ୍ନିଶମ ବାହିନୀ, ପୁଲିସ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ରାଜସ୍ୱ ବିଭାଗ ବିଶେଷ କରି ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗଣିଆ ଗ୍ରାମବାସୀ, ରାମଲୀଳା କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରାମ ନାଟକ ଶେଷ ହୋଇଥିଲେ ମଧ୍ୟ ଚଉବଙ୍ଗ ଛକରେ ଯାତ୍ରା ମହୋତ୍ସବ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ସନ୍ଧ୍ୟାରେ ସ୍ଥାନୀୟ କଳାକାର ନୃତ୍ୟ ପରିବେଷଣ କରିବା ସହ ରାତିରେ ମେଲୋଡି ପରିବେଷଣ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

## ବିଦେଶୀ ମଦ ଜବତ, ୨ ଗିରଫ

ଶରଣକୁଳ,୨୨।୪(ସମିସ): ଶରଣକୁଳ ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ବେଳେ ଶରଣକୁଳ ଥାନା ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଞ୍ଚିରିଡ଼ା ଗ୍ରାମରେ ବଡ଼ ଧରଣର ଚଢ଼ଉ କରି ପୁଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପଞ୍ଚିରିଡ଼ା ବ୍ରାହ୍ମଣସାହିର ଟୁନା ରାଉତଙ୍କ ଦୁଇ ପୁଅ ଜିତୁ ଓରଫ ପ୍ରତାପ ରାଉତ ଏବଂ ନିତ୍ୟାନନ୍ଦ ରାଉତ। ଥାନା ଏଏସଆଇ ସଇନୁଲ ଖାନଙ୍କ ନେତୃତ୍ୱରେ ପୁଲିସ ଏବଂ ଅବକାରୀ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପଞ୍ଚିରିଡ଼ା ଗ୍ରାମରେ ବେଆଇନ ଭାବେ ବିଦେଶୀ ମଦ ମହଜୁଦ ଏବଂ ବିକ୍ରି କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୁଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଘଟଣାସ୍ଥଳରୁ ସମୁଦାୟ ୨୦ କାର୍ଟୁନ୍ ସିଲ୍ ହୋଇଥିବା ବିଦେଶୀ ମଦ ଜବତ କରାଯାଇଛି। ପ୍ରତି କାର୍ଟୁନରେ ୧୮୦ ମି.ଲି ବିଶିଷ୍ଟ ୪୮ଟି ବୋତଲ ରହିଥିଲା। ପୁଲିସ ମୋଟ ୯୬୦ ବୋତଲ ମଦ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



